# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1st May - 2025

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ବର୍ତ୍ତମାନ ଭାରତ ନବସୃଜନ, କଳା ଓ ସଂସ୍କୃତି ମାଧ୍ୟମରେ ବିଶ୍ୱର କୋଣ-ଅନୁକୋଣରେ ପହଞ୍ଚି ପାରିଛି; କହିଲେ ପ୍ରଧାନମନ୍ତ୍ରୀ

— ମୁମ୍ବାଇରେ ପ୍ରଥମ ୱେଭ୍ସ୍ ସମ୍ମିଳନୀ-୨୦୨୫ର କଲେ ଉଦ୍‌ଘାଟନ

- ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ; ପ୍ରବାସୀ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ନୀତି ଆଣିବେ; କହିଲେ ମୁଖ୍ୟମନ୍ତ୍ରୀ

— ଭୁବନେଶ୍ୱରରେ ଶ୍ରମିକମାନଙ୍କୁ ବଣ୍ଟନ କଲେ ସହାୟତା ରାଶି

- ପୁରୀ ରଥଯାତ୍ରାର ସୁପରିଚାଳନା ପାଇଁ ଅନୁଷ୍ଠିତ ହେଲା ସମନ୍ୱୟ କମିଟି ବୈଠକ

ଏବଂ

- ଭିତରକନିକା ଜାତୀୟ ଉଦ୍ୟାନ ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ

# ୱେଭସ୍ ସମ୍ମିଳନୀ

ଭାରତ ସଫ୍ଟ ପାୱାର କ୍ଷେତ୍ରରେ ବିଶ୍ୱରେ ଅନନ୍ୟ ପରିଚୟ ସୃଷ୍ଟି କରିଛି । ବର୍ତ୍ତମାନ କ୍ରିଏଟ୍ ଇନ୍ ଇଣ୍ଡିଆ ସହିତ କିଏଟ୍ ଇନ୍ ୱାଲ୍ଡର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନସନ୍ ସେଣ୍ଟରରେ ଆଜି ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ  ଶିଖର ସମ୍ମିଳନୀ– ୱେଭ୍‌ସ-୨୦୨୫ର ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୱେଭ୍‌ସ୍ ଏକ ସଂକ୍ଷିପ୍ତ ଶବ୍ଦ ନୁହେଁ, ବରଂ ଏହା ସଂସ୍କୃତି, ସୃଜନଶୀଳତା ଏବଂ ସାର୍ବଜନୀନ ସଂଯୋଗର ଏକ ଲହରୀ । ବର୍ତ୍ତମାନ ନବସୃଜନ, ବିଷୟବସ୍ତୁ ଏବଂ ସଂସ୍କୃତି ମାଧ୍ୟମରେ ନାରଙ୍ଗୀ ଅର୍ଥନୀତିର ଉଦୟ ହୋଇଛି । ଏହା ମାଧ୍ୟମରେ ଭାରତର କଳା, ସଂସ୍କୃତି ଏବଂ ସିନେମା ବିଶ୍ୱର କୋଣ-ଅନୁକୋଣରେ ପହଞ୍ଚି ପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି....

**-V/O-***(PM)*

ପ୍ରଧାନମନ୍ତ୍ରୀ କହିଛନ୍ତି, ୱେଭ୍‌ସ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ । ଏହା କଳାକାର ଏବଂ ସ୍ରଷ୍ଟାଙ୍କ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ।

୧୦୦ ରୁ ଅଧିକ ଦେଶର କଳାକାର ନବସୃଜନକାରୀ, ନିବେଶକ ଏବଂ ନୀତି ନିର୍ଦ୍ଧାରକମାନେ ଗୋଟିଏ ସ୍ଥାନରେ ଏକାଠି ହୋଇଥିବାରୁ ଏହି ସମ୍ମିଳନୀ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**-V/O-***(PM)*

ଦେଶ ଆଜି ଚଳଚ୍ଚିତ୍ର ନିର୍ମାଣ, ଡିଜିଟାଲ ବିଷୟବସ୍ତୁ, ଗେମିଂ, ଫ୍ୟାସନ୍, ସଂଗୀତ ଏବଂ ଲାଇଭ୍ କନସର୍ଟ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍ ଭାବରେ ଉଭା ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ସୂଚନା ଅନୁସାରେ, ୱେଭ୍ସ ସମ୍ମିଳନୀ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ ଏଥିରେ ବିଭିନ୍ନ ଅଧିବେଶନ ପ୍ରଦର୍ଶନୀ ସହ କଳା, ସଂଗୀତ, ନବସୃଜନ ମାଧ୍ୟମରେ ଦେଶର ଐତିହ୍ୟ ଓ ବିଶ୍ୱ ଏକତାର ପ୍ରଦର୍ଶନ କରାଯିବ।

## ଶ୍ରମିକ ଦିବସ-ସିଏମ୍

ରାଷ୍ଟ୍ରର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଉଛି । ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଗୁରୁତ୍ୱ ଦେବା ହେଉଛି ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶ୍ରମିକ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ

ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଖୁବ୍ ଶୀଘ୍ର ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ନୀତି ଆଣିବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରବାସୀ ଶ୍ରମିକଙ୍କ ଚିହ୍ନଟ ଏବଂ ପଞ୍ଜୀକରଣ ପାଇଁ ସରକାର ଟାସ୍କଫୋର୍ସ୍ ଗଠନ କରିଛନ୍ତି। ଶ୍ରମିକମାନଙ୍କୁ ସେମାନଙ୍କ ଦକ୍ଷତା ଅନୁଯାୟୀ କର୍ମନିଯୁକ୍ତି ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କଲ୍ୟାଣବୋର୍ଡରେ ପଞ୍ଜୀକୃତ ଥିବା ଶ୍ରମିକମାନଙ୍କୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ବଣ୍ଟନ କରିଛନ୍ତି।

ଏହା ସହ ଓଡ଼ିଶା ଶ୍ରମିକ ସାଥୀ ମୋବାଇଲ୍ ଆପ୍‌ର ଲୋକାର୍ପଣ ଏବଂ ଭୁବନେଶ୍ୱର ଡୁମ୍‌ଡୁମା ଓ କଳ୍ପନାଠାରେ ୨ଟି ଶ୍ରମିକ ପ୍ରତୀକ୍ଷା କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି....

**-V/O-***(CM)*

## ସମନ୍ୱୟ ବୈଠକ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୁରୀ ଟାଉନ୍‌ହଲ୍‌ଠାରେ ସମନ୍ୱୟ କମିଟି ବୈଠକ  ଅନୁଷ୍ଠିତ ହୋଇଛି। କେନ୍ଦ୍ରାଞ୍ଚଳ ଆର.ଡି.ସିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶୃଙ୍ଖଳିତ ନୀତି, ଜଳଗହଳି ନିୟନ୍ତ୍ରଣ ଓ ବିଭିନ୍ନ ବିଭାଗର କାର୍ଯ୍ୟକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ସହ ଅନେକ ନିଷ୍ପତ୍ତି ଗ୍ରହଣ ହୋଇଛି। ବୈଠକରେ ସ୍ୱାସ୍ଥ୍ୟ, ପରିମଳ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଛି। ରଥଯାତ୍ରା ସମୟରେ ୨୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବ ବୋଲି ସୂଚନା ମିଳିଛି। ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟ ଜଳ

ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି । ସେହିପରି ଶକ୍ତି ବିଭାଗ ପକ୍ଷରୁ ବିଦ୍ୟୁତ୍ ସମସ୍ୟା ଦୂର ନେଇ ବୈଠକରେ ଆଲୋଚନା ହେବା ସହ ସ୍ୱତନ୍ତ୍ର ବସ୍ ଚଳାଚଳ, ନିର୍ଦ୍ଧାରିତ ରେଟ୍ ଚାର୍ଜ, ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର ନିୟୋଜିତ, ଜନଗହଳି ନିୟନ୍ତ୍ରଣ, ସହରରେ ସିସିଟିଭି କ୍ୟାମେରା ଲଗାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି ।

## ରଥ ନିର୍ମାଣ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଶ୍ରୀଜୀଉମାନଙ୍କର ଅକ୍ଷୟତୃତୀୟା ଅବସରରେ ରଥଖଳାରେ ରଥନିର୍ମାଣ ଅନୁକୂଳ ହୋଇଥିବାବେଳେ ଆଜିଠାରୁ ରଥନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ପରମ୍ପରା ଅନୁସାରେ, ଅନୁକୂଳ ନୀତି ପରେ ଆଜି ପ୍ରଥମ ଦିନରେ ରଥନିର୍ମାଣ ପାଇଁ ଭୋଇ ସେବକମାନେ ପ୍ରଥମେ ଆବଶ୍ୟକୀୟ କାଠ ପହଞ୍ଚାଇ ଥିଲେ । ଏହାପରେ କରତୀ ସେବକମାନେ ତୁମ୍ବ ନିର୍ମାଣ ପାଇଁ ଫାଶୀ କାଠ ଚିରଟ ଆରମ୍ଭ କରିଥିଲେ । ପ୍ରଥମ ଦିନରେ ୩ ରଥ ପାଇଁ ୩ଟି ତୁମ୍ବ କଟାଯାଇଥିବାବେଳେ ୪୨ଟି ଚକ ପାଇଁ ଆବଶ୍ୟକ ତୁମ୍ବର ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇଛି ।  ରଥଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ଓ କରତୀ ସେବକମାନଙ୍କ ଦ୍ୱାରା କାର୍ଯ୍ୟ ଜାରି ରହିଥିବାନେଇ ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ହ୍ରାସ

ତୈଳ ବିପଣନ କମ୍ପାନୀମାନେ ଆଜି ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ହ୍ରାସ କରିଛନ୍ତି । ପ୍ରତି ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ୧୪ ଟଙ୍କା ୫୦ ପଇସାରୁ

ନେଇ ୧୭ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ତେବେ ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ।

## ଶ୍ରମିକ ଦିବସ- ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ ହୋଇଛି।

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶ୍ରମିକ ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ  ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗ ଦେଇଥିଲେ। ଶ୍ରମିକମାନଙ୍କର ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁବିଧା ସୁଯୋଗ ସମ୍ପର୍କରେ ଶ୍ରୀମତୀ ପାଢ଼ୀ ଆଲୋକପାତ କରିଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଟାଉନ୍‌ହଲ୍‌ଠାରେ ଆୟୋଜିତ ଉତ୍ସବରେ ସାଂସଦ ସଂଗୀତା କୁମାରୀ ସିଂହଦେଓ ମୁଖ୍ୟଅତିଥିଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କ କଲ୍ୟାଣ ପାଇଁ କରାଯାଉଥିବା ବିଭିନ୍ନ ଯୋଜନାର ଦିଗ ଉପରେ ଆଲୋଚନା କରିଥିଲେ।

**ଭଦ୍ରକ** ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ସହିଦ୍ ସ୍ମୃତିଭବନ ଟାଉନ୍‌ହଲଠାରେ ଆର୍ନ୍ତଜାତିକ ଶ୍ରମିକ ଦିବସ ପାଳିତ ହୋଇଛି। ଭଦ୍ରକ ଓ ବାସୁଦେବପୁ ବିଧାୟକଙ୍କ ସମେତ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ୬୯୮ ଜଣ ଶ୍ରମିକଙ୍କୁ ୧ କୋଟି ୩୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ଏବଂ ଶ୍ରମ କାର୍ଡ ପ୍ରଦାନ କରି ରାଜ୍ୟ ଓ କେନ୍ଦ୍ର

ସରକାର  ଶ୍ରମିକମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

# ଭିତରକନିକା

କେନ୍ଦ୍ରାପଡ଼ା ସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଛି । କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହେଉଥିବାରୁ ରାଜନଗର ବନଖଣ୍ଡ ପକ୍ଷରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଉଦ୍ୟାନକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି ।

## କଳିଙ୍ଗ ସୁପରକପ୍

କଳିଙ୍ଗ ସୁପରକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ର ଟାଇଟଲ ହାସଲ ପାଇଁ ଏଫ.ସି ଗୋଆ ଏବଂ ଜାମସେଦପୁର ଏଫ.ସି ମଧ୍ୟରେ ମୁକାବିଲା ହେବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତା ଶନିବାରଦିନ ଫାଇନାଲ ମ୍ୟାଚ ଖେଳାଯିବ।

ଗତକାଲିର ପ୍ରଥମ ସେମିଫାଇନାଲରେ ଏଫ.ସି. ଗୋଆ ୩-୧ ଗୋଲରେ ମୋହନବାଗନ୍ ସୁପରଜାଏଣ୍ଟସ୍‌କୁ ପରାସ୍ତ କରିଥିଲା ।  ଦ୍ୱିତୀୟ ସେମିଫାଇନାଲରେ ଜାମସେଦପୁର ଏଫ.ସି୧-୦ଗୋଲରେ ମୁମ୍ବାଇ ସି.ଟି.ଏଫ.ସି.କୁ ହରାଇ ଫାଇନାଲ ପର୍ଯ୍ୟାୟକୁ ପହଞ୍ଚିଛି ।

# ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ସୁନ୍ଦରଗଡ଼,କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲାରେ ବିଜୁଳି ଘଡଘଡି ସହ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୧୧ଟି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*********************************